11. ଆଜିର ମଣିଷ ହୋମୋସେପିଏନ୍ସ କେତେ ବର୍ଷ ପୂର୍ବେ ଆଫ୍ରିକାରେ ବସବାସ କରୁଥିଲେ ?
(A) 5 ନିୟୁତ (B) 10 ନିୟୁତ
(C) 15 ନିୟୁତ (D) 20 ନିୟୁତ

12. ମଣିଷର ଜୈବ ବିବର୍ତ୍ତନ ପରେ କେଉଁ ବିବର୍ତ୍ତନ ଆରମ୍ଭ ହୋଇଛି ?
(A) ଅଜୈବ ବିବର୍ତ୍ତନ (B) ରାସାୟନିକ ବିବର୍ତ୍ତନ
(C) ଭୌତିକ ବିବର୍ତ୍ତନ (D) ସାଂସ୍କୃତିକ ବିବର୍ତ୍ତନ

13. ପ୍ରଜନନ ସମୟରେ ମାତାପିତାଙ୍କଠାରୁ ସମାନ ପରିମାଣର ଜିନୀୟ ପଦାର୍ଥ କାହା ଜରିଆରେ ସନ୍ତାନ ନିକଟକୁ ଯାଇଥାଏ ?
(A) ଯୁଗ୍ମଜ (B) ଯୁଗ୍ମକ (C) RNA (D) ATP

14. ବଂଶାନୁକ୍ରମ ସମ୍ପର୍କିତ ସୂତ୍ର ନିର୍ଣ୍ଣୟ ପାଇଁ ମେଣ୍ଡେଲ୍ କେଉଁ ଗଛ ଉପରେ ପରୀକ୍ଷା କରିଥିଲେ ?
(A) ମନ୍ଦାର (B) ଶିମ୍ବ (C) ମଟର (D) ଟଗର

15. ମଟର ଗଛର 7 ଯୋଡ଼ା ବିକଳ୍ପୀ ଗୁଣ ମଧ୍ୟରୁ କେଉଁଟି ଭୁଲ ଅଟେ ?
(A) ଗଛର ଉଚ୍ଚତା ଡେଙ୍ଗା ବା ଗେଡ଼ା
(B) ମଞ୍ଜିର ଆକାର ଗୋଲ ବା କୁଞ୍ଚିତ
(C) ଫୁଲର ସ୍ଥାନ ଅକ୍ଷ ବା ଅଗ୍ର
(D) ମଞ୍ଜିର ରଙ୍ଗ ନାଲି ବା ଧଳା

16. ବଂଶଗତି ଅନୁଧ୍ୟାନ କରିବାପାଇଁ ମେଣ୍ଡେଲ୍ କାହାର ସାହାଯ୍ୟ ନେଇଥିଲେ ?
(A) ପ୍ରାକୃତିକ ସଙ୍କରଣ (B) କୃତ୍ରିମ ସଙ୍କରଣ
(C) ସ୍ୱ-ପରାଗଣ (D) ପର-ପରାଗଣ

17. ପ୍ରଥମ ପିଢ଼ି ଗଛର ମଞ୍ଜିରୁ ସୃଷ୍ଟ ଗଛଗୁଡ଼ିକୁ କ'ଣ କୁହାଯାଏ ?
(A) ପ୍ରଥମ ଅପତ୍ୟ ପିଢ଼ି/$F_1$
(B) ଦ୍ୱିତୀୟ ଅପତ୍ୟ ପିଢ଼ି/$F_2$
(C) ତୃତୀୟ ଅପତ୍ୟ ପିଢ଼ି/$F_3$
(D) ଚତୁର୍ଥ ଅପତ୍ୟ ପିଢ଼ି/$F_4$

18. କେଉଁଟି ଦ୍ୱି ସଙ୍କରଣ ଅନୁପାତ ଅଟେ ?
(A) 3 : 1 (B) 9 : 3 : 3 : 1
(C) 2 : 1 (D) 3 : 2: 2 : 1

19. ମେଣ୍ଡେଲଙ୍କ ଅବଦାନ ପୁନରାବିଷ୍କାର ହେବାପରେ 1909 ମସିହାରେ ମେଣ୍ଡେଲଙ୍କ କଳ୍ପିତ କାରକକୁ କେଉଁ ବୈଜ୍ଞାନିକ ଜିନ୍ ନାମ ଦେଇଥିଲେ ?

20. (A) ଜେ.ବି.ଏସ୍. ହାଲଡ୍ରେନ୍ (B) ଷ୍ଟାନ୍‌ଲେ ମିଲର
(C) ଉଇଲ୍‌ହେଲମ୍ ଜୋହାନ୍‌ସନ୍ (D) ଏ. ଆଇ.ଓପାରିନ
ସନ୍ତାନର ଲିଙ୍ଗ ନିର୍ଦ୍ଧାରଣରେ କାହାର ନିର୍ଦ୍ଦିଷ୍ଟ ଭୂମିକା ରହିଛି ?
(A) ଅଟୋଜୋମ୍ (B) ଲିଙ୍ଗ ଗୁଣସୂତ୍ର
(C) ଗୁଣସୂତ୍ର (D) କ୍ରୋମାଟିନ୍ ଜାଲକ